ODM
EDUCATIONAL GROUP
Changing your Tomorrow

# ଶରତ-ନଈ-କୂଳେ

## କବି:ରାଧାମୋହନ ଗଡନାୟକ

## ଶ୍ରେଣୀ:ଷଷ୍ଠ

## ତୃତୀୟ ଦିନ

CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

**SUB-CONCEPTS:**ଶରତ ଋତୁର ପ୍ରକୃତି ଓ ନଦୀକୂଳର ମନୋରମ ଦୃଶ୍ୟ ।

## ପୂର୍ବ ପାଠ୍ୟର ଆଲୋଚନା-

୧.ନଈ କୂଳରେ କିଏ ବସିଛି ?

୨.କାହାର ମନ ଭୋଳ ହୋଇଯାଉଛି ?

୩.କିଏ ଧୀରେ ଖସି ପଡଇ?

# କବିତାଂଶ ବ୍ୟାଖ୍ୟା:

ମଉନ ବକ ବସିଛି ତା'ର
ସୁଅର ଏକ ପାଶେ
ଶିକାର ଅଭିଳାଷେ ।
ପାଉଛି ଯାହା,ଅତୁଳ ସୁଖେ
ଦେଉଛି ଭରି ଆପଣା ମୁଖେ ।
ଗେଣ୍ଡାଳିଆ
ଝାମ୍ପ ମାରି
ଉଠଇ ନୀଳାକାଶେ ।

ନଈର ଆରପାରେ
ଦିଶୁଛି ଗାଈ ବାଛୁରୀ ପଲ
ସବୁଜ ପଡିଆରେ ।
ଗୋପାଳ ପୁଅ ସେଇଠି କାହିଁ
ବଇଁଶୀ ସୁରେ ଦେଉଚି ଗାଇ,
ମୂର୍ଚ୍ଛନାଟି
ଉଠୁଛି ମାତି
ସତେ କି ତାଳେ ତାଳେ ।

# କବିତାଂଶ ବ୍ୟାଖ୍ୟା:

ନଈର ଏହି କୂଳେ
ଶେଫାଳି ଫୁଲ ଆକୁଳ କରି
ଫୁଟିଚି ଯାଇ ଦୂରେ ।
ମଧୁର ତାର ମହକ ରାଶି
ପବନ ସାଥେ ଆସୁଚି ଭାସି,
ଆବେଶ-ଭୋଳ
ଚିତ୍ତ ମୋର
ତାହାରି ସାଥେ ଘୂରେ ।

ODM EDUCATIONAL GROUP

- ନଈ ସୁଅର ଗୋଟିଏ ପାଖରେ ବଗୁଟିଏ ମଉନରେ ଶିକାର ଉଦ୍ଦେଶ୍ୟରେ ବସିଛି । ଯାହା ପାଉଛି ଆନନ୍ଦରେ ନିଜ ମୁହଁରେ ଭରି ଦେଉଛି । ଗେଣ୍ଡାଳିଆଟିଏ ସେହି ନଈ ପାଣିରେ ଝାମ୍ପ ମାରି ଆକାଶକୁ ଉଠିଯାଉଛି ।ନଈ ଆର ପାରିରେ ଗାଈ ବାଛୁରୀ ପଲ ସବୁଜ ପଡିଆରେ ଚରୁଥିବାର ଦେଖାଯାଉଛି । ସେଠାରେ ଗୋପାଳ ବାଳକ ରହି ବଂଶୀର ସ୍ୱରରେ ଗୀତ ଗାଉଛି,ଯାହାର ମୂର୍ଚ୍ଛନା ତାଳଦେଇ ମାତିଉଠୁଛି ।
- ନଈର ଏପଟେ ଗଙ୍ଗଶିଉଳି ଫୁଲ ଫୁଟିଛି ।ତା'ର ସୁମଧୁର ମହକ ପବନରେ ଭାସି ଆସୁଛି । ସେହି ସୁମଧୁର ମହକରେ କବିଙ୍କର ମନ ବିହ୍ୱଳ ହୋଇ ତା' ସହିତ ଘୂରି ବୁଲୁଛି ।

# କଠିନ ଶବ୍ଦର ଅର୍ଥ:

- ନୀଳାକାଶେ-ନୀଳ ଆକାଶରେ
- ଅଭିଳାଷେ-ଉଦ୍ଦେଶ୍ୟରେ
- ଅତୁଳ-ଯାହାର ତୁଳନା କରି ହେବ ନାହିଁ
- ଆପଣା-ନିଜର
- ମୁଖେ-ମୁହଁରେ
- ଗୋପାଳ-ଗଉଡ
- ମୂର୍ଚ୍ଛନା-ସ୍ୱରର ସୁମଧୁର କମ୍ପନ
- ଶେଫାଳି-ଗଙ୍ଗଶିଉଳି
- ମହକ-ସୁଗନ୍ଧ
- ଆବେଶ-ବିହ୍ୱଳ

# ବ୍ୟାକରଣଗତ ଶବ୍ଦ:

ODM EDUCATIONAL GROUP

**ପ୍ରତିଶବ୍ଦ:**

ଆକାଶ-ନଭ,ଗଗନ

ଶିରୀ-ସମ୍ପଦ,ସୌନ୍ଦର୍ଯ୍ୟ

ନଈ-ତଟିନୀ,ସରିତ

**ଗଦ୍ୟରୂପ:**

ଲଗନ-ଲଗ୍ନ

ଚକର-ଚକ୍ର

# ଗୃହକର୍ମ:

ଶରତ ଋତୁରେ ପାଳନ କରାଯାଉଥିବା ପର୍ବପର୍ବାଣୀକୁ ନେଇ ଏକ ଅନୁଚ୍ଛେଦ ଲେଖ ।

# THANKING YOU

# ODM EDUCATIONAL GROUP